ସେଇଠୁ ଆରମ୍ଭ
SEITHO ARAMBHA
ରବିବାର, ୧୧ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪


ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ପ୍ରଭାବିତ ଶିକ୍ଷଣ

ଶିକ୍ଷା ଏକ ଜୀବନ ବ୍ୟାପି ପ୍ରକ୍ରିୟା । ଶିକ୍ଷାଦ୍ୱାରା ମାନବ ସମ୍ବଳ ବିକଶିତ ହୁଏ । ଶିକ୍ଷା ସଂସ୍ଥାର ମାଧ୍ୟମରେ ଆଦର୍ଶ ଶିକ୍ଷା ଗ୍ରହଣ ହେଲେ ସାମାଜିକ , ସାଂସ୍କୃତିକ ଓ ବ୍ୟବହାରିକ ଜ୍ଞାନ ମିଳେ । ଏହି ଜ୍ଞାନ ବଳରେ ଜ୍ଞାନ ବିଜ୍ଞାନ, ଦର୍ଶନ, ଅର୍ଥନୀତି , ରାଜନୀତି ଇତ୍ୟାଦିକୁ ମନୁଷ୍ୟ ସମାଜରେ ପ୍ରୟୋଗ କରୁଛି । ମାନବୀୟ ମୂଲ୍ୟବୋଧ ନିମନ୍ତେ, ମନୁଷ୍ୟ ଶିକ୍ଷା ମାଧ୍ୟମରେ ଜୀବନର ମୌଳିକ ଦିଗ କର୍ତ୍ତବ୍ୟକୁ ପରିଚାଳନା ପାଇଁ ସାଧୁତା, ସତ୍ୟବାଦିତା, କର୍ତ୍ତବ୍ୟ ପରାୟଣତା , କାର୍ଯ୍ୟଦକ୍ଷତା , ବିଦ୍ୟାଚେତନା ଓ ବିଶ୍ୱକୁ ଏକ ପରିବାରତ୍ୱର ମୂଲ୍ୟାଙ୍କନ କରି ନିଜ ଆତ୍ମ ପ୍ରତ୍ୟୟରେ ସମାଜକୁ ବିକଶିତ କରିଥାଏ । ନିଜ ଜ୍ଞାନ ଦ୍ୱାରା ଜୀବନ ନିର୍ବାହର କଳାତ୍ମକ ମାର୍ଗ ସୁନାଗରିକ ହେବାର ପ୍ରକୃତି ମାର୍ଗ ପାଇଥାଏ । ଯାହାକି ରାଷ୍ଟ୍ର ଗଠନ ନିମନ୍ତେ ଉପସ୍ଥାପନ କରିଥାଏ । ଶିକ୍ଷାଦ୍ୱାରା ଦେଶମାତୃକା ସେବା ନିମନ୍ତେ ଜୀବନ ଉତ୍ସର୍ଗ ଭଳି ମହତ୍ ମାର୍ଗକୁ କାର୍ଯ୍ୟକାରୀ କରିଥାଏ । ଏହା ନିମନ୍ତେ ସକାରାତ୍ମକ ଓ ଗୁଣାତ୍ମକ ଶିକ୍ଷା ଗ୍ରହଣ ହିଁ ଉତ୍ତମ ପନ୍ଥା ଓ ମାର୍ଗଦର୍ଶନ ଅଟେ । ମୁଖ୍ୟ ଭାବେ ଶିକ୍ଷା ବ୍ୟକ୍ତିର ଶିକ୍ଷା ଗ୍ରହଣ ଦ୍ୱାରା ନିଜର ଶିକ୍ଷାଗୁଣ ଦକ୍ଷତାକୁ ହାସଲ କରି ସମାଜ ଜୀବନରେ ତା'ର ଗତି ଓ ପ୍ରଗତିର ବିକାଶ ଘଟାଏ । କୌଣସି ସମସ୍ୟା ଆସିଲେ ସମାଧାନ କରି ସୁସ୍ଥ ସମାଜ ପାଇଁ ଉନ୍ନତି ମାର୍ଗକୁ ଗତି କରାଇଥାଏ । ଅନ୍ୟ ପକ୍ଷେ ଶିକ୍ଷିତ ବ୍ୟକ୍ତି ଶିକ୍ଷାଗୁଣରେ ନିଜର ଜ୍ଞାନ , ଦୃଢ଼ତା, ଆତ୍ମସମ୍ମାନ , ଭୟ ଶୂନ୍ୟତା, ଆନନ୍ଦ ପ୍ରାପ୍ତି , ସାହସିକତା ଓ ଅନ୍ୟ ଦ୍ୱାରା ଆତ୍ମ ପରିଚୟ ପ୍ରାପ୍ତ ହୁଏ । ଶିକ୍ଷାକୁ ଉପଯୁକ୍ତ ଭାବେ ଗ୍ରହଣ କଲେ ବ୍ୟକ୍ତି ଶାରୀରିକ , ମାନସିକ , ସାମାଜିକ , ଅର୍ଥନୈତିକ, ରାଜନୈତିକ, ଧାର୍ମିକ, ନୈତିକ ଓ ଅନ୍ୟାନ୍ୟକୁ ଗ୍ରହଣ କରି ଉନ୍ନତ ସମାଜକୁ ଗଠନ କରିବାର ଯୋଗ୍ୟତା ଥାଏ । ଶିକ୍ଷାର ମୂଲ୍ୟବୋଧ ଅନୁସାରେ ବ୍ୟକ୍ତି ଉନ୍ନତ ସ୍ୱାସ୍ଥ୍ୟ ସୁରକ୍ଷାରେ ଦର୍ଶନ , ମନୋବିଜ୍ଞାନ ବଳରେ ସୁନ୍ଦର ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ସମାଜ ନିର୍ମାଣ ପାଇଁ ଆବଶ୍ୟକ ପଥ ପାଇଥାଏ । ଜୀବନର ଲକ୍ଷ୍ୟ ପଥରେ ଜନାଧନ ସଂଗ୍ରହରୁ ବିରତ ରହି ସମାଜର ସାମଗ୍ରିକ ବିକାଶ ନିମନ୍ତେ ଦେଶାତ୍ମବୋଧକ 'ଚିନ୍ତାରେ ଦେଶ ମାତୃକାର ସେବା ପାଇଁ ଦିଗ୍‌ଦର୍ଶନ ପାଏ । ଆତ୍ମ ସମୀକ୍ଷା ଓ ତର୍ଜମା ମାଧ୍ୟମରେ ନିଜକୁ ସମାଜ ନିମନ୍ତେ ଗଠନ କରିଥାଏ । ଜୀବନଧାରାର ପ୍ରୟୋଗ କ୍ଷେତ୍ରରେ ଶିକ୍ଷାର ଚିନ୍ତାଧାରାରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସୁପରିଚାଳନା କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶକୁ ଯତ୍ନ କରିପାରେ । ଆତ୍ମିକ ମୂଲ୍ୟ ବୋଧରେ ମୌଳିକ କର୍ତ୍ତବ୍ୟ ଓ ଅଧିକାରକୁ ସଯତ୍ନେ ରଖି ନିଜର ଶୃଙ୍ଖଳାଜ୍ଞାନ , ଉପଯୋଜନ, ମାନସିକ ପୁନର୍ଜାଗରଣ , ଉତ୍ତମ ବୁଝାମଣା , ସୁସ୍ଥ ମାନସିକତା , ଆତ୍ମବିଶ୍ୱାସ , ସେବା ତ୍ୟାଗ ଭୋଗର ଗୁରୁତ୍ୱରକ୍ଷା , ସମ୍ମାନ ଓ ସ୍ନେହ ପ୍ରଦର୍ଶନ , ସ୍ୱାଧୀନତା ଓ ଧର୍ମରେ ହସ୍ତକ୍ଷେପ ନକରିବା, ସାହାଯ୍ୟ ସହଯୋଗ କରିବା , ବଦାନ୍ୟତା ପ୍ରକାଶ କରିବା ଇତ୍ୟାଦି ମହନୀୟ କାର୍ଯ୍ୟ କରିବା ହିଁ ବିଦ୍ୟା ଓ ଜ୍ଞାନ ଯୁକ୍ତ ଶିକ୍ଷା ଦ୍ୱାରା ପ୍ରାପ୍ତ ହୁଏ । ଯାହାଫଳରେ ଶିକ୍ଷା ବ୍ୟକ୍ତିକୁ ସାମାଜିକ ସ୍ୱୀକୃତି ଓ ସମ୍ମାନ ଦେଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜର ଅନ୍ତର୍ନିହିତ ଜ୍ଞାନଶିକ୍ଷା ଦ୍ୱାରା କଳାକାର୍ଯ୍ୟ, ସାଧନା, ଆତ୍ମଶିକ୍ଷା, ସତ୍ୟ ସଂଧାନ, ସଂସ୍କୃତି ଜ୍ଞାନ, ସଭ୍ୟତାର ସ୍ୱରୂପ ଇତ୍ୟାଦି କ୍ଷେତ୍ରରେ ଯଥାସାଧ୍ୟ ଉନ୍ନତି ହେଲେ ତାହାର ବହିର୍ବିକାଶ ଘଟେ । ମହାତ୍ମାଗାନ୍ଧୀଙ୍କ ଆର୍ଶୀବଚନରୁ ଜଣାଯାଏ ଶିକ୍ଷକ ନିଜର ମନରେ ରଖିବା ଉଚିତ ଯେ ' ' ମୋ ଜୀବନ , ମୋ ସଂଦେଶ, ମୋ ସମାଜ ପାଇଁ ' ଶିକ୍ଷା ଦ୍ୱାରା ମାନବ ସମ୍ବଳର ଉପଯୁକ୍ତତା ଆସିବା ପାଇଁ ଶିକ୍ଷା , ଜ୍ଞାନଧର୍ମୀ ହେବା ଆବଶ୍ୟକ । ଯେଉଁ ଶିକ୍ଷକ ଶିକ୍ଷକତା କରିଥାଏ , ସେ ଶିକ୍ଷାକୁ ମାନବ ସମ୍ବଳ ବିକାଶ , ସାମାଜିକ ବିକାଶ ଓ ଅନ୍ୟାନ୍ୟ ବିକାଶ ପାଇଁ ନିଜର ଶିକ୍ଷାଦାନ କରିବା ପ୍ରୟୋଜନ । ଅନ୍ୟ ପକ୍ଷେ ଶିକ୍ଷକ ଶିକ୍ଷାର୍ଥୀକୁ ଯେଉଁ ଶିକ୍ଷାଦାନ କରେ ତାହା ପରୀକ୍ଷା ମାର୍ଗୀ ନହୋଇ ଜୀବନ ମାର୍ଗୀ ହେବାର ଯନେବା ଉଚିତ । ଯେହେତୁ ଶିକ୍ଷା , ଜାତୀୟ ଜୀବନ ନିମନ୍ତେ ଆବଶ୍ୟକ ତେଣୁ ଶିକ୍ଷାଦାନର ମାର୍ଗ ସେହି ଦିଗକୁ ଗଲେ ଜାତୀୟ ଭାବନାରେ ପ୍ରଗତି ହୋଇପାରିବ । ଏହି କ୍ରମରେ ଶିକ୍ଷାଦାନରେ ଶିକ୍ଷାର୍ଥୀର ବୋଧଜ୍ଞାନ ଶିକ୍ଷାକୁ ଆବଶ୍ୟକ ଉପାଦେୟତା ପୂର୍ଣ୍ଣ କରି ତାକୁ ଆନନ୍ଦମୟ ଶିକ୍ଷାଦାନ ଆବଶ୍ୟକ । ଯାହା ଫଳରେ ସେ ଯୋଗ୍ୟତା ଅର୍ଜନ କରି ନିଜକୁ ଦୃଢ଼ କରିପାରିବ । ଗୁଣାତ୍ମକ ଶିକ୍ଷା ଜୀବନ ନିମନ୍ତେ ପ୍ରୟୋଜନ । ତେଣୁ ଶିକ୍ଷକ ଶିକ୍ଷାର୍ଥୀ ପ୍ରଥମେ ଚିହ୍ନିବା ଓ ଜାଣିବା ଦରକାର । ଗୁଣାତ୍ମକ ଶିକ୍ଷା ଦ୍ୱାରା ଶିଶୁର ଚରିତ୍ର ଗଠନ କରିଥାଏ । ପରେ ଶିକ୍ଷାର୍ଥୀ ଜୀବନର ମୂଲ୍ୟବୋଧ ପାଇବାର ପଥ ପାଏ । ଶିକ୍ଷାର୍ଥୀ ଅନ୍ଧାରରେ ଥାଏ ତାକୁ ଜ୍ଞାନାଲୋକ ପ୍ରଦାନ ଦରକାର । ଶିକ୍ଷାର୍ଥୀର ସୃଜନଶକ୍ତି, ଉପଯୋଜନ, କାର୍ଯ୍ୟଦକ୍ଷତା , ଦଳଗତ କାର୍ଯ୍ୟ , ସମୟାନୁବର୍ତ୍ତିତା ଭଳି କେତେକ ଗୁଣ ଶିକ୍ଷାର୍ଥୀ ଜାଣିବା ଦରକାର । ଏକ ଆଦର୍ଶ ଶିକ୍ଷକ ଶିକ୍ଷାକୁ ଉନ୍ନତ ଶିକ୍ଷାରେ ପରିଣତ କରିପାରିବେ ।

# ମିନାକ୍ଷୀ ଦେବୀ ମନ୍ଦିର


॥ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ॥


ପବିତ୍ର ରାମେଶ୍ୱର ଧାମ ଓ ରାମନାଥସ୍ୱାମୀ ଲିଙ୍ଗଙ୍କୁ ଦର୍ଶନ କରିବା ପରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ ଆମ ସାଥୀରେ ଥିବା କାରରେ ମଦୁରାଇ ଯାତ୍ରା କଲୁ । ରାମେଶ୍ୱରମ୍ ଠାରୁ ମଦୁରାଇର ଦୂରତା ୧୭୦ କି.ମି. । ତିନି ଘଂଟାର ବାଟ । ଏହା ତାମିଲନାଡୁ ରାଜ୍ୟର ଦ୍ୱିତୀୟ ବୃହତମ ସହର । ଏଠାରେ ମାତା ପାର୍ବତୀ ମିନାକ୍ଷୀ ରୂପରେ ଓ ଭଗବାନ ଶିବ ସୁନ୍ଦରେଶ୍ୱର ନାମରେ ପୂଜା ପାଆନ୍ତି । ସହରର ମଧ୍ୟ ଭାଗରେ ଅବସ୍ଥିତ ମାତା ମିନାକ୍ଷୀ ଏବଂ ସୁନ୍ଦରେଶ୍ୱରଙ୍କ ମନ୍ଦିର ସୁନ୍ଦର କାରୁକାର୍ଯ୍ୟରେ ଭରା ଦୁଇଟି ବିଶାଳ ମନ୍ଦିର । ପ୍ରତିଦିନ ହଜାର ହଜାର ଯାତ୍ରୀ ଏହି ମନ୍ଦିର ତଥା ମନ୍ଦିର ପରିସରରେ ଥିବା ଅନ୍ୟାନ୍ୟ ମନ୍ଦିର, ଗୋପୁରମ୍ ଏବଂ ସ୍ତମ୍ଭମାନଙ୍କର ସୁଶୋଭିତ କଳାଭାସ୍କର୍ଯ୍ୟ ଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି ।

ମିନାକ୍ଷୀ ମନ୍ଦିର ଭାରତର ବହୁ ପୁରାତନ ମନ୍ଦିର ମାନଙ୍କ ଭିତରୁ ଅନ୍ୟତମ । ଏହି ମନ୍ଦିର ବେଢ଼ାର ଲମ୍ବ ୮୪୭ ଫୁଟ ଓ ପ୍ରସ୍ଥ ୭୨୯ ଫୁଟ । ମନ୍ଦିର ବେଢ଼ାର ଚତୁର୍ପାର୍ଶ୍ୱରେ ଚାରୋଟି ବିଶାଳକାୟ ପ୍ରବେଶ ଦ୍ୱାର ରହିଛି । ପ୍ରତ୍ୟେକର ହାରାହାରି ଉଚ୍ଚତା ୧୭୦ଫୁଟ । ପ୍ରତ୍ୟେକ ପ୍ରବେଶ ଦ୍ୱାର ଦେହରେ ହଜାରରୁ ଅଧିକ ଦେବାଦେବୀ, ମୁନିଋଷି, ଗୋମାତା, ହାତୀ, ଘୋଡ଼ା ଓ ପଶୁପକ୍ଷୀଙ୍କର ସୁନ୍ଦର ରଙ୍ଗବେରଙ୍ଗ ମୂର୍ତ୍ତିମାନ ସୁସଜ୍ଜିତ ହୋଇ ସ୍ଥାପନ କରାଯାଇଛି । ସମଗ୍ର ପ୍ରବେଶ ଦ୍ୱାର, ଗୋପୁରମ୍ ଓ ମନ୍ଦିରମାନଙ୍କରେ ଏହିପରି ୩୩୦୦୦ ମୂର୍ତ୍ତି ଶୋଭା ପାଉଛି । ମନ୍ଦିର ମଧ୍ୟରେ ବାରଟି ମଣ୍ଡପ ବା ଗୋପୁରମ୍ ବିଦ୍ୟମାନ । ପ୍ରତ୍ୟେକ ଗୋପୁରମ୍ ୫୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପିରାମିଡ଼ ଆକାରରେ ନିର୍ମିତ । ପୁରାଣ ଯୁଗରେ ଦେବରାଜ ଇନ୍ଦ୍ର ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଘୋର ତପସ୍ୟା କରିବାକୁ ଏହି ସ୍ଥାନରେ ଆସି ପହଂଚିଥିଲେ । ସେତେବେଳେ ଏଠାରେ ଘଂଚ ଜଙ୍ଗଲ ଥିଲା । ଏହି ଜଙ୍ଗଲରେ ଅନେକ କଦମ୍ବଗଛ ଥିଲା । ଇନ୍ଦ୍ର ଗୋଟିଏ କଦମ୍ବ ବୃକ୍ଷ ମୂଳରେ ସ୍ୱୟଂ ଭୂ-ଲିଙ୍ଗକୁ ଦର୍ଶନ କଲେ । ସେ ଏଠାରେ ଘୋର ତପସ୍ୟା କରି ଶାପ ମୁକ୍ତ ହେଲେ । ଏଠାରେ ଥିବା ଏକ ପୋଖରୀରୁ ପ୍ରତିଦିନ ସୁବର୍ଣ୍ଣ ପଦ୍ମତୋଳି ସେ ଶିବଙ୍କୁ ଅର୍ପଣ କରୁଥିଲେ । ଶାସ୍ତ୍ରରେ ଅଛି ଶିବ ନିଜ ତ୍ରିଶୂଳ ନିକ୍ଷେପ କରି ଏଠାରୁ ପାଣି ବାହାର କରିଥିଲେ । ବିଶ୍ୱାସ କରାଯାଏ ଯେ ଦେବରାଜ ଇନ୍ଦ୍ର ଏହି ପୋଖରୀରୁ ସୁବର୍ଣ୍ଣ ପଦ୍ମ ନେଇ ଶିବଙ୍କୁ ପୂଜା କରୁଥିଲେ । ଏହି ସୁବର୍ଣ୍ଣ ପୋଖରୀର ଚତୁର୍ପାର୍ଶ୍ୱ ବିଶାଳ ପ୍ରାଚୀର ମାନଙ୍କ ଦ୍ୱାରା ପରିବେଷ୍ଟିତ । ଏହି ପ୍ରାଚୀର କାନ୍ଥମାନଙ୍କରେ ପୁରାଣ, ଇତିହାସରୁ ବିଭିନ୍ନ ଘଟଣାମାନ ଚିତ୍ରିତ କରାଯାଇଛି ଓ ପ୍ରାଚୀରରେ ଥିବା ମାର୍ବଲ ପ୍ରସ୍ତର ମାନଙ୍କରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ କବିତା, ଶ୍ଲୋକ, ସ୍ତୋତ୍ର ଓ ଦେବାଦେବୀଙ୍କର ବନ୍ଦନାମାନ ଖୋଦେଇ କରାଯାଇ ଲେଖା ଯାଇଛି । ସୁବର୍ଣ୍ଣ ପଦ୍ମପୋଖରୀ ଦର୍ଶନ କରି ମିନାକ୍ଷୀ ମନ୍ଦିରର ବାହ୍ୟ ମଣ୍ଡପରେ ପ୍ରବେଶ କଲୁ । ଏଠାରେ ସୁବର୍ଣ୍ଣ ଧ୍ୱଜା, ତିରୁମଲାଇ ବିନାୟକ, ତିରୁମଲାଇ ନାଇକ ମଣ୍ଡପ, କାର୍ତ୍ତିକେୟଙ୍କ ମୂର୍ତ୍ତି ଇତ୍ୟାଦି ଦେଖିବାକୁ ମିଳେ । ତାପରେ ମାତାଙ୍କର ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ପଡ଼େ । ଗର୍ଭଗୃହ ମଧ୍ୟରେ ମାତା ମିନାକ୍ଷୀଙ୍କର ସୁନ୍ଦର ଦଣ୍ଡାୟମାନ ମୂର୍ତ୍ତି ଶାନ୍ତି ଓ ଦୟାର ପ୍ରତୀକ ସ୍ୱରୂପ ହାତରେ ଶୁଆ ଓ ଫୁଲତୋଡ଼ା ଧରି ବିରାଜମାନ । ମାତାଙ୍କର ଏହି ସୁନ୍ଦର ମୂର୍ତ୍ତି ଦର୍ଶନ ମାତ୍ରେ ମନରେ ଭକ୍ତି ଓ ଆନନ୍ଦ ଜାଗ୍ରତ ହୁଏ । ମାତାଙ୍କର ଦର୍ଶନ ପରେ ସୁନ୍ଦରେଶ୍ୱର ମନ୍ଦିର ଦର୍ଶନ କଲୁ । ମନ୍ଦିରର ପ୍ରବେଶ ଦ୍ୱାରରେ ୧୨ଫୁଟ ଉଚ୍ଚତା ବିଶିଷ୍ଟ ଦୁଇ ଦ୍ୱାରପାଳଙ୍କ ବିଶାଳ ତାମ୍ରମୂର୍ତ୍ତି ଦଣ୍ଡାୟମାନ । ମନ୍ଦିରର ଗର୍ଭଗୃହ ପୂର୍ବରୁ ମହାମଣ୍ଡପରେ ଶିବଙ୍କର ନଟରାଜ ମୂର୍ତ୍ତି ତାଙ୍କର ଦକ୍ଷିଣ ପାଦ ଉର୍ଦ୍ଧ୍ୱକୁ ଟେକି ବିରାଜମାନ । ଏହା ସହିତ ୬୩ ଶିବ ଭକ୍ତ ମୁନି ଋଷିଙ୍କ ତାମ୍ର ମୂର୍ତ୍ତିମାନ ରଖାଯାଇଛି । ଗର୍ଭଗୃହକୁ ଇନ୍ଦ୍ର ବିମାନ କୁହାଯାଏ । ଏହାକୁ ୬୪ ଭୂତଗଣ, ୮ଟି ହାତୀ ଓ ଦୁଇଟି ସିଂହ ଧାରଣ କରି ରଖିଛନ୍ତି । ଏହାର ମଧ୍ୟ ଭାଗରେ ଭଗବାନ ସୁନ୍ଦରେଶ୍ୱର ଲିଙ୍ଗ ରୂପରେ ପୂଜା ପାଆନ୍ତି । ମନ୍ଦିର ମଧ୍ୟରେ ସହସ୍ର ସ୍ତମ୍ଭର ବିରାଟ ଗୃହ ଯାତ୍ରୀ ମାନଙ୍କୁ ବିଶେଷ ଆକର୍ଷଣ କରେ । ଏହା ଦଳାଭାଇ ହରିଅନନ୍ତ ମୁଦାଲିୟରଙ୍କ ଦ୍ୱାରା ୧୫୬୯ ଖ୍ରୀଷ୍ଟାବ୍ଦରେ ନିର୍ମିତ । ଏହି ସ୍ତମ୍ଭ ମାନଙ୍କର କାରୁକାର୍ଯ୍ୟ ଅବର୍ଣ୍ଣନୀୟ । ଏଥିରେ ନର୍ତ୍ତକ ଗଣେଶ, ଶିବ, ରତି, ମନ୍ମଥ, ଅର୍ଜୁନ, ଭୀମ, ଚନ୍ଦ୍ରମତୀ, ସରସ୍ୱତୀ ଓ ମୋହିନୀଙ୍କର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଅଛି । ଗୃହର ଶେଷ ଭାଗରେ ନଟରାଜ ଏବଂ ଶିବକାମୀଙ୍କର ସୁନ୍ଦର ମୂର୍ତ୍ତି ଏକ ମଣ୍ଡପ ଉପରେ ବିରାଜମାନ ।

ମଦୁରାଇରେ ତିରୁମଲାଇ ନାୟକ ରାଜପ୍ରାସାଦ ଏକ ଦର୍ଶନୀୟ ସ୍ଥାନ, ଏହା ମିନାକ୍ଷୀ ମନ୍ଦିର ଠାରୁ ୧କି.ମି. ଦୂରରେ ଅବସ୍ଥିତ । ଏହା ରାଜା ତିରୁମଲାଇ ନାୟକଙ୍କ ଦ୍ୱାରା ୧୬୩୬ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଅଛି । ରାଜପ୍ରାସାଦ ମଧ୍ୟ ଭାଗରେ ରାଜାଙ୍କର ଦରବାର ପ୍ରାଙ୍ଗଣ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରେ । ସୁନ୍ଦର କାରୁକାର୍ଯ୍ୟ ବହନ କରୁଥିବା ଉଚ୍ଚ ଉଚ୍ଚ ସ୍ତମ୍ଭ ମାନଙ୍କ ଦ୍ୱାରା ଏହି ପ୍ରାସାଦ ପରିବେଷ୍ଟିତ । ପ୍ରାସାଦ ମଧ୍ୟରେ ଗୋଲାକାର ଗମ୍ବୁଜମାନ ଶୋଭା ପାଉଛି । ଗମ୍ବୁଜ ଗୁଡ଼ିକରେ ଚୂନରେ ତିଆରି କାମ ଓ ଡିଜାଇନମାନ ମନମୁଗ୍ଧକର । ଏହା ମଧ୍ୟରେ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ଦ୍ୱାରା ତିରୁମଲାଇ ନାୟକ ଓ ଅନ୍ୟାନ୍ୟ ରାଜା ମାନଙ୍କର ଜୀବନୀ ଓ ଭାଲୁତି ସମୟର ଘଟଣାମାନ ବର୍ଣ୍ଣନା କରାଯାଇଛି । ଏହା ପ୍ରତିଦିନ ସନ୍ଧ୍ୟା ୬.୪୫ରୁ ୯.୩୦ ପର୍ଯ୍ୟନ୍ତ ଚାଲୁ ରହେ । ମଦୁରାଇ ସହର ମଧ୍ୟରେ ଆହୁରି କିଛି ମନ୍ଦିର ଓ ଦର୍ଶନୀୟ ସ୍ଥାନ ରହିଛି । ଯାତ୍ରୀମାନେ ସମୟ ଓ ସୁବିଧା ଦେଖି ଦର୍ଶନ କରିପାରିବେ । ମିନାକ୍ଷୀ ଦେବୀ ମନ୍ଦିରରେ ବର୍ଷ ତମାମ ଅନେକ ପର୍ବପର୍ବାଣୀ ପାଳନ କରାଯାଏ । ତନ୍ମଧ୍ୟରୁ ମିନାକ୍ଷୀ ତିରୁକଲ୍ୟାନମ୍ ଅର୍ଥାତ୍ ମାତା ମିନାକ୍ଷୀଙ୍କର ବିବାହ ପର୍ବ ସବୁଠାରୁ ବଡ଼ ପର୍ବ । ଏହା ପ୍ରତିବର୍ଷ ଏପ୍ରିଲ ମାସରେ ପାଳିତ ହୁଏ । ଏହାଛଡ଼ା ନବରାତ୍ରୀ ଓ ଶିବରାତ୍ରୀ ମଧ୍ୟ ନିଷ୍ଠା ଓ ଆଡ଼ମ୍ବର ସହ ପାଳନ କରାଯାଏ । ଶ୍ରାବଣ ମାସର ପ୍ରତ୍ୟେକ ଶୁକ୍ରବାର ଏଠାରେ ଦେବୀଙ୍କର ବିଶେଷ ପୂଜା ଅନୁଷ୍ଠିତ ହୁଏ । ମନ୍ଦିର ସକାଳ ୫ଟାରୁ ୧୨.୩୦ ପର୍ଯ୍ୟନ୍ତ ଓ ଅପରାହ୍ନରେ ୪ଟାରୁ ୯.୩୦ ପର୍ଯ୍ୟନ୍ତ ଖୋଲା ରହେ । ମନ୍ଦିର ମଧ୍ୟରେ ଅଣହିନ୍ଦୁମାନଙ୍କ ପ୍ରବେଶ ନିଷେଧ । ଦାକ୍ଷିଣାତ୍ୟ କଳା ସଂସ୍କୃତିରେ ଭରପୁର ମଦୁରାଇର ମିନାକ୍ଷୀ ମନ୍ଦିର ଅବଶ୍ୟ ଦର୍ଶନୀୟ । ମିନାକ୍ଷୀ ମାତାଙ୍କ ମାହାତ୍ମ୍ୟ ରାମାୟଣରେ ମଧ୍ୟ ବର୍ଣ୍ଣିତ । କୌଟିଲ୍ୟ ଅର୍ଥଶାସ୍ତ୍ରରେ ମାତାଙ୍କ ମହିମା ସ୍ଥାନ ପାଇଛି । ବିଦେଶୀ ପର୍ଯ୍ୟଟକ ମେଗାସ୍ଥିନିସ୍ ଖ୍ରୀଷ୍ଟପୂର୍ବ ୩୦୨ରେ ଓ ଟୋଲେମି ୧୪୦ ଖ୍ରୀଷ୍ଟାବ୍ଦରେ ସେମାନଙ୍କ ଭାରତ ଭ୍ରମଣ ବିବରଣୀରେ ଏହି ପୀଠର ମହିମା ବର୍ଣ୍ଣନା କରିଛନ୍ତି । ମନ୍ଦିରର ବିଶାଳତା ଓ କମନୀୟ କାରୁକାର୍ଯ୍ୟ ପାଇଁ ମିନାକ୍ଷୀ ମନ୍ଦିର ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇବା ପାଇଁ ପ୍ରସ୍ତାବ କରାଯାଇଛି । ଏପରି ଏକ ସୌନ୍ଦର୍ଯ୍ୟମୟୀ ନଗରୀ ଓ ପ୍ରସିଦ୍ଧ ଶିବଶକ୍ତି ପୀଠ ଦର୍ଶନ କରି ନିଜକୁ ଗୌରବାନ୍ୱିତ ତଥା ଭାଗ୍ୟବାନ ମନେ କରୁଛି ।


*ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬,*
*କଟକ, ଦୂରଭାଷ : ୯୮୬୧୩୫୫୬୨୮*


# ଗରିମାମୟ ଉତ୍କଳ : ଆମ ପରିଚୟ ଆମ ଗୌରବ


॥ ଡକ୍ଟର ସୁରେଶ କୁମାର ନାୟକ ॥


ଯୁଗେ ଯୁଗେ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଇତିହାସ ସୁସମୃଦ୍ଧ । ଏଠାକାର ନୃତ୍ୟ, ସଙ୍ଗୀତ ଯେମିତି ବିଶ୍ୱକୁ ବିମୋହିତ କରିଛି ସେମିତି ଓଡ଼ିଶାର ପରମ୍ପରା, ଲୋକକଳା, ଖାଦ୍ୟ, ଜୀବନଶୈଳୀ ବି ଏହାକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ମାଲକାନାଗିରିରୁ ମୟୂରଭଞ୍ଜ, ବାଲେଶ୍ୱର, ବରଗଡ଼ ସମୁଦାୟ ୩୦ଟି ଜିଲ୍ଲାରେ ବିଭକ୍ତ ବର୍ତ୍ତମାନର ଓଡ଼ିଶା ଏକଦା ବିସ୍ତାରିତ ଥିଲା ଗଙ୍ଗାରୁ ଗୋଦାବରୀ ଯାଏ । ବୀରତ୍ୱ, ବାଣିଜ୍ୟରୁ ନେଇ ସଙ୍ଗୀତ ଓ ଆତିଥ୍ୟ ସବୁରେ ସମୃଦ୍ଧ ଓଡ଼ିଶା । ସୁଦୂର ସାଇବେରିଆରୁ ଆସୁଥିବା ନଭଶ୍ଚର ପକ୍ଷୀଙ୍କ ଠାରୁ ନେଇ ସମୁଦ୍ର ପଥରେ ମାଇଲ ମାଇଲ ଦୂରତା ଅତିକ୍ରମ କରି ଆସୁଥିବା ରେଡ଼ ଅଲିଭ ରିଡଲେ ସାଜିଥାନ୍ତି ଓଡ଼ିଶାର ଆତିଥ୍ୟର ବାହକ । ବୈଦିକ ଆର୍ଯ୍ୟ ସଂସ୍କୃତିରୁ ନେଇ ଆଦିବାସୀ ପରମ୍ପରା ସବୁର ସମ୍ମାନ ରହିଛି ଏଜାତିର ଇତିହାସରେ । ଏ ଜାତି ଶାଗ ପଖାଳରେ ସନ୍ତୁଷ୍ଟ ହେଲେ ବି ନିଜ ଇଷ୍ଟଙ୍କୁ ଆପ୍ୟାୟିତ କରାଏ ଛପନ ପଉଟିରେ । ବିଶ୍ୱ ଦରବାରରେ ଲକ୍ଷେ ପରିଚୟ ଥିଲେ ମଧ୍ୟ ଜଗନ୍ନାଥ ଦେଶ ବୋଲାଇବାକୁ ଗର୍ବ ମଣିଥାଏ ଏହି ଜାତି । ଆଧାତ୍ମର ବଡ଼ଦାଣ୍ଡରେ ଅଧାଗଢ଼ା ତିନି ଠାକୁର ଓଡ଼ିଆ ଜାତିର ଶ୍ରେଷ୍ଠ ସନ୍ତକ । ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା । ଓଡ଼ିଆ ଜାତିର ସରଳତାରେ ଗଢ଼ା ଏହି ସରଳ ଠାକୁରଙ୍କ ମଧ୍ୟରେ ସମାହିତ ହୋଇଛି ସବୁ ଧର୍ମ । ଶଙ୍ଖକ୍ଷେତ୍ର ପୁରୀରେ ବିରାଜମାନ ପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ମଉଡମଣି, ଆମ ଜାତିର ଜନକ । ପ୍ରତି ଓଡ଼ିଆ ପ୍ରାଣର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ । ଓଡ଼ିଶା ଉପରେ ବିପତି ଆସିଲେ ଦୀନବନ୍ଧୁ ସାଜି ରକ୍ଷା କରନ୍ତି ପ୍ରଭୁ । ଜାତିର ମାନ ରଖିବାକୁ କାଂଚି ବିଜୟ ଯାତ୍ରା ସମୟରେ କଳାଧଳା ଘୋଡ଼ା ଚଢ଼ି ସ୍ୱୟଂ ଜଗନ୍ନାଥ ବଳଭଦ୍ର ଦୁଇ ଭାଇ ରଣଭୂମିରେ ଅବତୀର୍ଣ୍ଣ ହୋଇଥିଲେ । ଭକ୍ତବତ୍ସଳ ପ୍ରଭୁ ଦାସିଆ ବାଉରି ହାତରୁ ନଡ଼ିଆ ନେଇଥିବା ଓ ଭକ୍ତ ସାଲବେଗ ପାଇଁ ନନ୍ଦିଘୋଷ ଅଟକାଇ ରଖିଥିବାର ମଧ୍ୟ ପ୍ରବାଦ ରହିଛି । ଏ ଜାତି ମଧ୍ୟ ଚିର ସମର୍ପିତ ମହାପ୍ରଭୁଙ୍କ ଶ୍ରୀପୟରରେ । ଯେତେବେଳେ ବିଦେଶୀ ଆକ୍ରମଣକାରୀ ଏ ଜାତିର ସତ୍ତା ଦୋହଲାଇବାକୁ ଆକ୍ରମଣ କରିଛନ୍ତି, ଏ ଜାତି ନିଜ ଦାରୁ ଦିଅଁଙ୍କ ସୁରକ୍ଷା କଥା ପ୍ରଥମେ ଚିନ୍ତା କରିଛି । ନରଙ୍କ ନେତା ନାରାୟଣ । ସମୟର କ୍ରୁର ଚକ୍ରରେ ଏ ଜାତି ପରାଧୀନ, ଶୋଷିତ ଓ ନିର୍ଯ୍ୟାତିତ ହୋଇଥିବା ସମୟରେ ମଧ୍ୟ ନିଜ ନେତାଙ୍କୁ ନଇଁବାକୁ ଦେଇନି । କେବେ ଛଳେ, ବଳେ, କୌଶଳେ ତ କେବେ ଗୁପ୍ତ ସୁଡ଼ଙ୍ଗ ପଥରେ ନିଜ ଦାରୁ ଦିଅଁକୁ ନେଇ ଲୁଚାଇ ରଖିଛି ବିଭିନ୍ନ ଜାଗାରେ । ଏହି ଜାତି ଆଗରେ ସମୟ ଯେବେ ଅନ୍ଧାର ହୋଇ ଠିଆ ହୋଇଛି ଶଙ୍ଖନାଦ କରିବାକୁ ଏ ଜାତିରେ ଜନ୍ମ ନେଇଛନ୍ତି ଶରଦେଇ ଆଉ ମୃଦଙ୍ଗ ଭିତରେ ବ୍ରହ୍ମକୁ ଲୁଚାଇ ଆଣିଛନ୍ତି ବିଷର ମହାନ୍ତି । ଉତ୍କର୍ଷ କଳାର ଦେଶ ଉତ୍କଳ, ଆମ ରାଜ୍ୟ କଳା ସଂସ୍କୃତିର ରାଜ୍ୟ । ଆମ ସଂସ୍କୃତି ଯେତେ ପ୍ରାଚୀନ, ଆମ କଳା କାରିଗରୀ ସେତେ ମହାନ । ସ୍ୱତନ୍ତ୍ର କଳାର ସୃଜନ ହେତୁ ପଥର ଦେହରେ ନିହାଣ ମୁନରେ ଓଡ଼ିଶାର ଶିଳ୍ପୀ କିମ୍ବଦନ୍ତୀ ରଚିଛନ୍ତି । ବାଲିକଳା ହେଉ କି ତାରକସି, ଡୋକ୍ରା କଳା ହେଉ କି ଶିଳାଲିପି । ଭାରତର ଗୌରବମୟ ଇତିହାସର ଏକ ସ୍ୱର୍ଣ୍ଣିମ ପୃଷ୍ଠା ମଣ୍ଡନ କରେ ଓଡ଼ିଶା । ଏହି ପବିତ୍ର ମାଟିର ସ୍ପର୍ଶରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ସହଜ ନଥିଲା, ନିତି ନିତି ନୀରିହ ରକ୍ତରେ ଭିଜି ଏ ମାଟିର ନଦୀ ରକ୍ତରଞ୍ଜିତ ହୋଇ ଅଶୋକଙ୍କ ମଧ୍ୟରେ ଥିବା ଚଣ୍ଡାଳ ପ୍ରବୃତିକୁ ଶାନ୍ତ କରାଇଥିଲା । ଅନେକ ପୌରାଣିକ କାହାଣୀର ସମ୍ବନ୍ଧ ମଧ୍ୟ ରହିଛି ଏହି ମାଟି ସହ । ବିଶ୍ୱ ନୃତ୍ୟ ମାନସରେ ଓଡ଼ିଶାର ନୃତ୍ୟ କଳା ଏକ ଚମକ ସଦୃଶ । ନୃତ୍ୟର ଛନ୍ଦରେ ପ୍ରାଣର ଭକ୍ତିରୀକରଣକୁ ଦର୍ଶାଏ ଓଡ଼ିଶୀ ଓ ଗୋଟିପୁଅ ପରି ନୃତ୍ୟକଳା । ଏହି ନୃତ୍ୟର ଭାବଭଙ୍ଗୀରେ ଥାଏ ସମର୍ପଣ ଓ ସଦଭାବନାର ଛବି । ଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ସଂଯୁକ୍ତା ପାଣିଗ୍ରାହୀ ଏହି ନୃତ୍ୟକୁ ନେଇ ପହଂଚାଇଥିଲେ ବିଶ୍ୱ ଦରବାରରେ । ଏହିନୃତ୍ୟର ପାଣିରେ ପ୍ରଭାବିତ ହୋଇ ଇଟାଲୀୟ ନର୍ତ୍ତକୀ ଇଲିଆନା ସିତାରିଷ୍ଟି ମଧ୍ୟ ଓଡ଼ିଶାର କଳାତ୍ମକ ଭାବଭଙ୍ଗୀରେ ଛନ୍ଦି ଦେଇଥିଲେ ନିଜ ପଦ ଯୁଗଳକୁ । କେବଳ ଓଡ଼ିଶୀ ଓ ଗୋଟିପୁଅ ନୁହଁ ଛଉ, ଘୁମୁରା, ସମ୍ବଲପୁରୀ ଆଦି ଲୋକନୃତ୍ୟ ସହିତ ପାଲା, ଦାସକାଠିଆ, କଣ୍ଢେଇ ନାଚ, ମୋଗଲ ତାମସା ଆଦିର ନାଟକୀୟ ଢ଼ଙ୍ଗରେ ସମୃଦ୍ଧ ଓଡ଼ିଶାର ନୃତ୍ୟ ଓ ଲୋକକଳା । କେବଳ ଏତିକି ନୁହଁ ଚୈତ୍ରମାସରେ ଚଇତି ଘୋଡ଼ା ନାଚ, ଚଢ଼େୟା ଚଢ଼େୟାଣୀ ନାଚ, କେଳା କେଲୁଣୀ ନାଚ, ପାଇକ ନାଚ ତଥା ବିଭିନ୍ନ ମୁଖାନାଚ ଏ ଜାତିର ମହାନ ନୃତ୍ୟକଳାର ନିଦର୍ଶନ ।


*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*


# ଯା ଦେବୀ ସର୍ବଭୂତେଷୁ !


॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥


ଭାରତରେ ପାଳିତ ହେଉଥିବା ବିଶିଷ୍ଟ ପର୍ବପର୍ବାଣୀ ମଧ୍ୟରୁ ଦଶହରା ଅନ୍ୟତମ । ସହରମାନଙ୍କରେ ଏହା ଖୁବ୍ ଜାକଜମକରେ ହେଉଥିବାବେଳେ ଗ୍ରାମାଂଚଳରେ ଅତି ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଏ । ବିଷ୍ଣୁ ପୂଜା, ଶିବ ପୂଜା ଓ ମାତୃପୂଜାର ପ୍ରଶସ୍ତ ଅବସର ଆରମ୍ଭ ହୁଏ ଗଣେଶ ପୂଜା ଠାରୁ ଏବଂ କାର୍ତ୍ତିକେଶ୍ୱର ପୂଜାରେ ମାନସିକତା ବିଶ୍ରାମ ନିଏ । ବିଭିନ୍ନ ପର୍ବପର୍ବାଣୀ ପାଳନର ତାତ୍ପର୍ଯ୍ୟ ଜାଣିବା ନିତାନ୍ତ ଆବଶ୍ୟକ, ନଚେତ୍ କେବଳ ଶାରୀରିକ, ଆର୍ଥିକ ଶ୍ରମ ହିଁ ସାର ହେବ । ଦଶହରା ଦୁର୍ଗାପୂଜା ଅନ୍ତରାଳରେ ଥିବା କିମ୍ବଦନ୍ତୀକୁ ଅନ୍ତରର ସହ ବିଶ୍ୱାସ କରିବାକୁ ହେବ । ଏଗୁଡ଼ିକ କେବଳ ମାତ୍ର ଗଳ୍ପ ବା ଅନ୍ଧବିଶ୍ୱାସ ନୁହେଁ । ଆଜିକାଲି ମଣିଷ ଏଭଳି ଅବସ୍ଥାରେ ଅଛି ଯେ ସେ ସମୟରେ ଯାହା ଘଟିଥିଲା ତାହାକୁ ବିଶ୍ୱାସ କରିପାରୁନାହିଁ । ଏହାର କାରଣ ଖୋଜିବସିଲେ ଦେଖାଯାଏ ସେ ସମୟର ତପସ୍ୟା ଆଜିକାଲି ନାହିଁ, ସେ ସମୟରେ ପାଳିତ ହେଉଥିବା ମୂଲ୍ୟବୋଧ, ଆଦର୍ଶ, ଦାନଶୀଳତା, କର୍ମନିଷ୍ଠା, ଗୁରୁଜନ ଭକ୍ତି, ମାତୃଜାତି ପ୍ରତି ସମ୍ମାନ, ନାରୀମାନଙ୍କ ସତୀତ୍ୱ ଓ ଜନସାଧାରଣଙ୍କ ଚରିତ୍ରବଂଟା ଆଜିକାଲି ବିରଳ । ଦୁଃଖର କଥା ସେଥିପାଇଁ କେହି ଦୁଃଖିତ ବା ଅନୁତପ୍ତ ନୁହନ୍ତି । ଅପରପକ୍ଷରେ ଅଧିକାଂଶ ପରିଶ୍ରମକାତର, ଗୁରୁ-ଗୁରୁଜନଙ୍କ କଥା ଓ ଆପ୍ତବାକ୍ୟ ପ୍ରତି ଉଦାସୀନ, ଶାସ୍ତ୍ରୋକ୍ତ ନୀତି ନିୟମର ଅବହେଳା, ତା ସାଙ୍ଗକୁ ଆରାମପ୍ରଦ ଜୀବନ ଦରକାର, ଅଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ ଦରକାର, କେହି ଆମର ଦୋଷ ଗୁଣ ଦେଖାଇବେ ନାହିଁ, ଯଦି କେହି କହିଲା ମାନସମ୍ମାନ ହରାଇବା ସୁନିଶ୍ଚିତ, କର୍ତ୍ତବ୍ୟଜ୍ଞାନ ନଥାଇ ଅଧିକାର ପ୍ରାପ୍ତ ହେବାର ଇଚ୍ଛା, ସମାଜ ପ୍ରତି ମୋ କର୍ତ୍ତବ୍ୟକୁ ସମ୍ପାଦନ ନକରି ସମାଜ ମୋ ପାଇଁ କ'ଣ ନକଲା ତାହାର ହିସାବ କରିବା, ପରିବାରର ଭିତରେ ମଧ୍ୟ ଅବସ୍ଥା ପୁରାପୁରି ସ୍ୱାର୍ଥକୈନ୍ଦ୍ରିକ, ସମାଜର ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, ପରିବାର ଭିତରେ ମଧ୍ୟ କେହି କାହା ପାଇଁ ଚିନ୍ତିତ ନୁହନ୍ତି, ସ୍ୱାର୍ଥପରତାପୂର୍ଣ୍ଣ ମନ ଓ ହୃଦୟର ରାଜତ୍ୱ ଏପରି ସ୍ଥଳେ ପୌରାଣିକ ସମୟର କଥା କିପରି ବିଶ୍ୱାସ ହୁଅନ୍ତା ?

ତଥାପି ସୌଭାଗ୍ୟର କଥା ପୂଜା କରାଯାଉଛି, ବନ୍ଦନା ବୋଲାଯାଉଛି, ପୁସ୍ତକ ବିକ୍ରି ହେଉଛି, ମନ୍ଦିର ଗୁଡ଼ିକୁ ଅଧିକ ସୁନ୍ଦର କରାଯାଉଛି, ଘରେ ଘରେ ଉପାସନାସ୍ଥଳୀରେ ସାଜସଜ୍ଜା ମଧ୍ୟରେ ପୂଜା ଆରାଧନା କରାଯାଉଛି । ଏହାର କାରଣ ପରିଷ୍କାର । ମଣିଷର ସାମାଜିକ ଚଳଣୀ, ପାରିବାରିକ ଚଳଣୀ ଯେତେ ବଦଳିଗଲେ ସୁଦ୍ଧା ବ୍ୟକ୍ତିଗତ ହୃଦୟର କାହିଁ କେଉଁ ନିଭୃତ କୋଣରେ ଦିବ୍ୟସତ୍ତା ତା'ର ପ୍ରେମ ଭାବ ବିସ୍ତାର କରି ସ୍ୱାର୍ଥଜଡ଼ିତ ମାନବ ଜାତିକୁ ପୁନଃ ସଂସ୍କାରିତ କରିବାରେ ସଫଳ ହୋଇଚାଲିଛି ।

ଏହି ପ୍ରେମଭାବ ହିଁ ଭଗବାନ ଓ ମଣିଷ ମଧ୍ୟରେ ଭାବସୂତ୍ର । ମଣିଷ ମଣିଷ ମଧ୍ୟରେ ଯୋଗସୂତ୍ର ଓ ବ୍ୟକ୍ତି ହୃଦୟରେ ଉଙ୍କି ମାରୁଥିବା ଭକ୍ତି, ସ୍ନେହ, ଶ୍ରଦ୍ଧା । ଉପହାର ନାମରେ ପୁଣି କିଛି ତ୍ୟାଗର ପୁନଃ ପ୍ରଚଳନ । ବିଶେଷକରି ଭାରତରେ ସେ ପ୍ରାଚୀନ ମୂଲ୍ୟବୋଧ ଓ ଆଦର୍ଶ ପୁନର୍ବାର ପ୍ରତିଷ୍ଠିତ ହୋଇଯାଏ କାରଣ ସେହି ଏକ ଭଗବାନ ଭିନ୍ନ ଭିନ୍ନ ନାମ ରୂପ ଧରି, ସମୟର ବିଭିନ୍ନ ପର୍ଯ୍ୟାୟରେ, ବିଭିନ୍ନ ରାଜ୍ୟରେ ମାନବ ଶରୀର ଧରି ଜନ୍ମଗ୍ରହଣ କରି ବିଭିନ୍ନ ଭାଷା ମାଧ୍ୟମରେ ସେହି ପ୍ରାଚୀନକୁ ନବୀନ ରୂପ ଦେଇ ପୁନଃ ପ୍ରଚାର କରନ୍ତି ଓ ତାହାର ଅଲୌକିକ ଶକ୍ତିର ନିଦର୍ଶନ ଜନସମାଜକୁ ଦେଖାଇ ଦେଇଥାଆନ୍ତି । ତେଣୁ ଏଠାରେ ମୂଲ୍ୟବୋଧର ଗ୍ଲାନି ଅସମ୍ଭବ । କେତେବେଳେ କେଉଁ ଅବସରରେ ତାହାର ଆଭାସ ଦେଖାଦେଲେ ମଧ୍ୟ ପରବର୍ତ୍ତୀ ସମୟରେ ଗ୍ଲାନୀ ଅପସରିଯାଏ । ଦିବ୍ୟ ସତ୍ତାର ହସ୍ତକ୍ଷେପ ବଳରେ । ସେହି ସତ୍ତା ଦୁର୍ଗା, ଶିବ, ବିଷ୍ଣୁ, ଗଣେଶ, ସୂର୍ଯ୍ୟ, ଲକ୍ଷ୍ମୀ, ରାମ, କୃଷ୍ଣ ପ୍ରଭୃତି ବିଭିନ୍ନ ନାମ ଧରି ମାନବ ହୃଦୟରେ ଆସନ ଜମାଇ ବସିଯାଆନ୍ତି । ସେଥିପାଇଁ ଭଗବାନଙ୍କୁ କେନ୍ଦ୍ର କରି ପୂଜା ପାର୍ବଣ ନିଷ୍ପ୍ରଭ ନ ହୋଇ ଅଧିକ ଉତ୍ସାହ ଉଦ୍ଦୀପନା ସହ ସମାଜକୁ ଧାର୍ମିକ ଦିଗରେ ଚଳାଇ ନେଉଛି । ଅଧୋଗତିରୁ ବଂଚାଇ ଦେଉଛି ।

ଯାତ୍ରାର ଚାକଚକ୍ୟ ଦେଖି ଶିଶୁ ଅଧିକରୁ ଅଧିକ ଚଂଚଳ ହୋଇଯାଏ । ଏପରିକି ବାପା ଓ ମାଆଙ୍କ ତତ୍ତ୍ୱାବଧାନରେ ନରହି ନିଜେ ସବୁକିଛି ଅନୁଭବ କରିବାରେ ଲାଗିପଡ଼େ । ଦୈବାତ୍ ଅସୁବିଧା ସୃଷ୍ଟି ହୋଇଯାଏ, ଭୟାତୁର ହୋଇ ଶିଶୁ ତା ଅଭିଭାବକ / ପିତାମାତାଙ୍କୁ ଖୋଜିବସେ । ତତ୍‌କ୍ଷଣାତ୍ ନପାଇ ହତାଶ, ନିରାଶ ହୋଇପଡ଼େ । ବର୍ତ୍ତମାନ ଆଉଥରେ ତାଙ୍କ ତତ୍ତ୍ୱାବଧାନର ଅଧିନ ହେବା ବରଂ ଶ୍ରେୟସ୍କର ବୋଲି ତା'ର ମନେହୁଏ । ଏହି ସମୟରେ ଖୋଜିବା ଦ୍ୱାରା ହେଉ, ଡାକବାଜି ଯନ୍ତ୍ରର ସାହାଯ୍ୟ ନେଇ ହେଉ ବା କୌଣସି ସ୍ୱେଚ୍ଛାସେବକଙ୍କ ସାହାଯ୍ୟ ଫଳରେ ହେଉ ଶିଶୁକୁ ନିରାପଦ ସ୍ଥାନ ପିତାମାତା ମିଳିଯାଏ । ଏହା ବୟସ୍କମାନଙ୍କ କ୍ଷେତ୍ରରେ ମଧ୍ୟ ଘଟିଥାଏ । ବୟସ୍କମାନଙ୍କ ମନର ଅବସ୍ଥା ନେଇ ତାଙ୍କୁ ଦିବ୍ୟ ପିତାମାତାଙ୍କ ତତ୍ତ୍ୱାବଧାନ ପ୍ରାପ୍ତ ହୋଇଥାଏ । ସେ ଶିବ, ବିଷ୍ଣୁ ବା ଦେବୀ ହୋଇପାରନ୍ତି । ଜୀବନର କେଉଁ ନା କେଉଁ ମୋଡରେ ଭଗବାନ ଆମକୁ କୋଳକୁ ନେଇ ଅଭୟ ପ୍ରଦାନ କରନ୍ତି ନାହିଁ କେବଳ, ମଣିଷ ତାଙ୍କୁ ଅନୁସରଣ କରିବା ଦେଖିଲେ ସେ ତାଙ୍କୁ ତାହାର ପ୍ରକୃତ ପରିଚୟ ପ୍ରଦାନରେ ଲାଗିପଡ଼ନ୍ତି । ମଣିଷ ନିଜର ପରିଚୟ ପାଇଗଲେ ତା'ର ଦେହାତ୍ମବୋଧ ଚାଲିଯାଏ । ତା'ସହିତ ଭୟ ମଧ୍ୟ ଉଭେଇଯାଏ । ଏସବୁ ଘଟିଥାଏ ଏ ସାଂସାରିକ ଜୀବନରେ ପର୍ବପର୍ବାଣୀ ପାଳନ ଫଳରେ ।

ଯୁଗେ ଯୁଗେ ଭଗବାନ ଘଟାଇ ଯାଇଥିବା ଘଟଣା ଗୁଡ଼ିକ ମାନବ ସମାଜର ପରମ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସେ ଏହା ସୃଷ୍ଟି କରିଥାନ୍ତି କାରଣ, ଏସବୁ ଜାଣିବା ଓ ଶୁଣିବା ଫଳରେ ମଣିଷର ଆଚମ୍ବିତ ମନ ତାଙ୍କ ପ୍ରତି ଆକର୍ଷିତ ହେବ, ତାଙ୍କ ଦ୍ୱାରା ସୃଷ୍ଟି ଘଟଣାମାନ ଏତେ ଅଲୌକିକ ଯେ ତାହା ମଣିଷ ପରି କ୍ଷୁଦ୍ର ଜୀବକୁ ଆଶ୍ଚର୍ଯ୍ୟଚକିତ କରିଦିଏ ଏବଂ ଏପରି ପ୍ରଭାବିତ ହୋଇଯିଏ ଭଗବାନଙ୍କ ଆଡ଼କୁ ଲମ୍ଫ ପ୍ରଦାନ କରେ ସେ ସେହି ଐଶ୍ୱରିକ ପ୍ରବାହରୁ ଆଉ ମୁକୁଳି ପାରେ ନାହିଁ । ଏହା ତାହାର ସର୍ବୋଚ୍ଚ ମଙ୍ଗଳ ସାଧନ କରେ ।

ମାଛି ସବୁଥିରେ ବସେ, କେବଳ ନିଆଁରେ ବସେ ନାହିଁ, ବସିଲେ ମରେ । ମନ ମଧ୍ୟ ସବୁଥିରେ ଆଗ୍ରହୀ, ମାତ୍ର ଭଗବାନଙ୍କ ଠାରେ ଆଗ୍ରହ କରେନାହିଁ । ଯଦି କରନ୍ତା ତେବେ ସେ ମରିଯାଆନ୍ତା । ମନ ମରିଯିବା ହିଁ ମନୋଲୟ, ମନ ନାଶନ । ଯେଉଁ ମନ ମଣିଷର ସବୁ ପ୍ରକାର ଦୁର୍ଗତିର କାରଣ, ସେ ମରିଯିବାଟା ଅତୀବ ଶୁଭ ସୂଚନା । ଏହା କେବଳ ସାଂସାରିକ ଜୀବନ ଦୃଷ୍ଟିରୁ ନୁହେଁ, ଆଧାତ୍ମିକ ଜୀବନ ଦୃଷ୍ଟିରୁ ମଧ୍ୟ ସର୍ବୋତ୍କୃଷ୍ଟ ।

ଭଗବାନଙ୍କ ଚମତ୍କାରୀତା ଧିରେ ଧିରେ ମଣିଷ ମନକୁ କରିଦିଏ ଏକ ବିମୁଗ୍ଧ କ୍ରୀତଦାସ । ତାଙ୍କ ଚମତ୍କାରୀ ଲୀଳା ମଧ୍ୟରେ ଏକ କ୍ଷୁଦ୍ର ଭୂମିକା ଖୋଜେ ମନ, ସେଥିପାଇଁ ଯାହା କରିବା ଉଚିତ ତାହା ସମ୍ପାଦନା କରିବାରେ କୁଣ୍ଠାକୁ ଦୂରେଇ ଦେଇ ମଣିଷ ତା'ର କର୍ମଦକ୍ଷତାର ପରିସର ଭୁଲି ଆଗକୁ ଆଗକୁ ମାଡ଼ି ଚାଲେ ଭେଟିବାକୁ ତା'ର ଇପ୍ସିତ ପ୍ରେମିକକୁ । ଏହାହିଁ ପ୍ରକୃତ ଯାତ୍ରା । ବାହ୍ୟ ପ୍ରଦର୍ଶନୀ ତାକୁ ଅଧୋଗତି ପ୍ରଦାନ କରୁଛି ବୋଲି ତା'ର ହୃଦୟଙ୍ଗମ ହୁଏ । ଏହାଫଳରେ ସବୁକିଛି ଆନ୍ତରିକ ହୋଇଯାଏ ଯାହାକୁ ଅପେକ୍ଷା କରିଥାନ୍ତି ଭଗବାନ । ଅନ୍ତରଟା ତ ତାଙ୍କ ସାମ୍ରାଜ୍ୟ । ସେ ସେଠାରେ ଅଧିଷ୍ଠିତ ହେବାକୁ ସଦା ତତ୍ପର ଥାନ୍ତି । ସେ ଅଧିଷ୍ଠିତ ହୋଇଗଲେ ସେଠାରୁ ସଇତାନ ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇଯାଏ, ଠିକ୍ ସୂର୍ଯ୍ୟୋଦୟରେ ଅନ୍ଧକାର ଅଦୃଶ୍ୟ ହେଲାପରି । ଏହା ହିଁ ପ୍ରକୃତ ପର୍ବ ପାଳନ ।

ଦୁର୍ଗାଙ୍କ ଦୁର୍ଗତି ନାଶ କରନ୍ତି । ଦୁର୍ଗତି ଆସିଥାଏ ଦୁର୍ମତିରୁ । ତେଣୁ ମତି ବା ମନର ସଂସ୍କାର ଅତୀବ ପ୍ରୟୋଜନ । ମନର ସଂଚାଳକ ବୁଦ୍ଧି, ଇନ୍ଦ୍ରିୟ ନୁହନ୍ତି । ବୁଦ୍ଧିର ସଂଚାଳକ ଆତ୍ମା । ତାହା ପରମାତ୍ମାଙ୍କ ଅଂଶବିଶେଷ । ଯାହାଠାରେ ପରମାତ୍ମା (ଯେଉଁ ନାମ ରୂପ ସହିତ ହୁଅନ୍ତୁ ନା କାହିଁକି) ଅଧିଷ୍ଠିତ, ସେଠାରେ ସମସ୍ତ ପ୍ରକାର ସଂସ୍କାର ସୁଲଭ ହୋଇଯାଏ ଏବଂ ଏଭଳି ବ୍ୟକ୍ତିମାନେ ବାସ କରୁଥିବା ସମାଜ ସଂସ୍କୃତି ସମ୍ପନ୍ନ ସମାଜ ବୋଲି ପରିଚିତ ହୁଏ । ଦୁର୍ଗାଙ୍କ ଠାରେ ସମସ୍ତ ଦେବଦେବୀ ଅବସ୍ଥାନ କରିଥାନ୍ତି, କାରଣ ସମସ୍ତ ଦେବଦେବୀଙ୍କ ଶକ୍ତିର ସମ୍ମିଳିତ ଶକ୍ତି ହେଉଛନ୍ତି ଦୁର୍ଗା ଶକ୍ତି । ଦୁର୍ଗା ପୂଜା କରିବା ଅନ୍ତରାଳରେ ସକଳ ପ୍ରକାର ଦେବଦେବୀଙ୍କର ଉପାସନା ହୋଇଥାଏ । ଅବ୍ୟର୍ଥ ଦୁର୍ଗା ସ୍ତୁତିରେ ଦେବୀଙ୍କୁ ଦୁର୍ଗତି ନାଶିନୀ, ଦୁର୍ଗତୀନାଶିନୀ, ଦୁର୍ଗାପଦ୍ ନିବାରିଣୀ, ଦୁର୍ଗତୋଦ୍ଧାରିଣୀ, ଦୁର୍ଗମାସୁରସଂହନ୍ତୀ, ଦୁର୍ଗମ ଜ୍ଞାନ ସଂସ୍ଥାନା ଓ ଦୁର୍ଗାମାତ୍ମ ସ୍ୱରୂପିଣୀ ପ୍ରଭୃତି ନାମରେ ସ୍ତୁତି କରାଯାଇଛି । ସ୍ତୁତିର ନାମକରଣ ଅନୁସାରେ ଏହା ପ୍ରକୃତରେ ଅବ୍ୟର୍ଥ । ଏହି ସ୍ତୁତି କେବେହେଲେ ବ୍ୟର୍ଥ ଯାଏନାହିଁ । ଭାରତର ଆର୍ଯ୍ୟ ଋଷିମାନଙ୍କର ଏହି ସାଧନା ପ୍ରସୂତ କୃତି ପାଇଁ ଯୁଗ ଯୁଗ ଧରି ଆମ୍ଭେମାନେ ଉପକୃତ ହୋଇ ଆସୁଅଛେ । ସେଥିପାଇଁ ଋଷିଋଣ ସୁଝିବା ପାଇଁ ଆମ୍ଭେମାନେ ଋଷିମାନଙ୍କ ପ୍ରତି କୃତଜ୍ଞ ହୋଇ ରହିବା ଦରକାର । ଏହାର ଫଳଶ୍ରୁତିରେ କୁହାଯାଇଛି, ''ଶତ୍ରୁଦ୍ୱାରା ପୀଡ଼ିତ ହୋଇଥିଲେ, ଦୁର୍ଭେଦ୍ୟ ବନ୍ଧନରେ ଥିଲେ, ରାଜଦଣ୍ଡରେ ଦଣ୍ଡିତ ହୋଇଥିଲେ, ହିଂସ୍ରଜନ୍ତୁ ଆକ୍ରମଣ ଭୟ ଥିଲେ ତଥା ବଡ଼ ବଡ଼ ବିପତି ପଡ଼ିଥିଲେ ବା ପଡ଼ିବାର ଭୟ ଥିଲେ ଏହି ସ୍ତୁତିକୁ ଜପ କଲେ ସମସ୍ତ ବିପଦରୁ ମୁକ୍ତି ମିଳେ ବୋଲି ଦେବୀ ନିଜେ କହିଛନ୍ତି ।'' ଅନ୍ୟ ପର୍ବମାନଙ୍କ ଭଳି ଦୁର୍ଗାପୂଜା ଅବସରରେ ମାନବ ସମାଜକୁ ଏକ ମହାନ୍ ଶିକ୍ଷା ମିଳିଥାଏ । ତାହା ହେଉଛି 'ଦୁଷ୍ଟଶକ୍ତି ଯେତେ ବଳଶାଳୀ ହୋଇଥାଉ ପଛେ ଦିବ୍ୟ ଶକ୍ତି ପାଖରେ ତାକୁ ଦିନେ ନା ଦିନେ ମଥାନତ କରିବାକୁ ପଡ଼ିଥାଏ ।' ଏହି ଉତ୍ସବ ପାଳନ ଅବସରରେ ଆମ୍ଭେମାନେ ସେହି ଦିବ୍ୟଶକ୍ତିକୁ ଆବାହନ କରିବା, ସେ ଆମ ଭିତରେ ବିଦ୍ୟମାନ ଥାଇ ଆମ ଭିତରେ ଥିବା ଦୁଷ୍ଟଶକ୍ତି ଗୁଡ଼ିକୁ ନିଃଶେଷ କରିଦିଅନ୍ତୁ ।


*ଅଳିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦*

